ମହିଳା ଫୁଟବଲ ଲିଗ୍

କିଟ୍, ନୀତା ଏକାଡେମୀ ବିଜୟୀ

ଭୁବନେଶ୍ୱର,୨୮।୩(ସବ୍ୟୁ): ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍ ୧୫ ଓ ୧୭ ବର୍ଷରୁ କମ୍ ବର୍ଗରେ ଗୁରୁବାର ଅନୁଷ୍ଠିତ ମ୍ୟାଚ ଗୁଡିକରେ କିଟ୍/କିସ୍, ନୀତା ଏକାଡେମୀ, ଓଡ଼ିଶା ଏକାଦଶ, ସ୍ପୋର୍ଟ୍ସ ଓଡ଼ିଶା ଏବଂ ଫାଓ ଏକାଡେମୀ ବିଜୟୀ ହୋଇଛନ୍ତି ।

୧୭ ବର୍ଷରୁ କମ୍ ବର୍ଗରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ କିଟ୍/କିସ୍ ଦଳ ୨୮-୦ ଗୋଲ୍‌ରେ କାଜି ବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ହରାଇଥିଲା । ଏହି ମ୍ୟାଚରେ ସୋନାଲି ଶବର ୪ଟି, ପ୍ରିୟଦର୍ଶିନୀ ବେହେରା ୬ଟି, ହେମାବତୀ ହୋ ୩ଟି, ଅନିମା ପ୍ରଧାନ ୯ଟି ଗୋଲ୍ ଏବଂ ସୂର୍ଯ୍ୟା ପୂର୍ତ୍ତି ଗୋଲ୍‌ସ୍କୋର କରିଥିଲେ । ଦ୍ୱିତୟ ମ୍ୟାଚରେ ନୀତା ଏକାଡେମୀ ୨-୦ ଗୋଲ୍‌ରେ ଟାଟା ଷ୍ଟିଲ ଫାଉଣ୍ଡେସନ୍‌କୁ ହରାଇଛି । ଏହି ମ୍ୟାଚରେ ବିଜୟୀ ନୀତା ଏକାଡେମୀ ପକ୍ଷରୁ ଶିଖା ମଲ୍ଲିକ ଓ ପ୍ରିୟାସ ସରକାର ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ । ୧୫ ବର୍ଷରୁ କମ୍ ବର୍ଗରେ ଓଡ଼ିଶା ଏକାଦଶ ୧୩-୦ ଗୋଲ୍‌ରେ କାଜି ବଜାର ବାଳିକା ଉଚ୍ଚବିଦ୍ୟାଳୟକୁ ହରାଇଥିଲା । ଅନ୍ୟ ମ୍ୟାଚ ଗୁଡିକରେ ସ୍ପୋର୍ଟ୍ସ ଓଡ଼ିଶା ୧୫-୦ ଗୋଲ୍‌ରେ ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ୍‌କୁ ଏବଂ ଫାଓ ଏକାଡେମୀ ୯-୦ ଗୋଲ୍‌ରେ ଜୋବ୍ରା ସ୍ଥିତ ମ୍ୟୁନିସିପାଲଟି ସରକାରୀ ଉଚ୍ଚବିଦ୍ୟାଳୟକୁ ହରାଇ ବିଜୟ ହାସଲ କରିଛି ।

ଆଇପିଏଲ୍ ମହାସମର

ଜୟପୁରରେ ରାଜସ୍ଥାନ ରାଜ୍

ଜୟପୁର,୨୮।୩(ଏଜେନ୍ସି): ଆଇପିଏଲ୍‌ର ୧୭ତମ ସଂସ୍କରଣରେ ସଞ୍ଜୁ ସାମସନଙ୍କ ନେତୃତ୍ୱାଧିନ ରାଜସ୍ଥାନ ରୟାଲ୍ସର ଦବଦବା ଜାରି ରହିଛି । ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଦଳ ୧୨ ରନ୍ ବ୍ୟବଧାନରେ ଜମାଣିଆ ବିଜୟ ହାସଲ କରି କ୍ରମାଗତ ଦୁଇଟି ମ୍ୟାଚ ଜିତିଛି ରାଜସ୍ଥାନ । ଜୟପୁରର ସୱାଇ ମାନସିଂ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୫ ୱିକେଟ୍ ହରାଇ ବଡ଼ ସ୍କୋର କରିଥିଲା । ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ଟ୍ରିଷ୍ଟାନ ଷ୍ଟୁବସଙ୍କ ବିସ୍ଫୋରକ ୪୪ ରନ୍ ସହାୟତାରେ ୨୦ ଓଭରରେ ୧୭୩/୫ ରନ୍ କରିଥିଲା ।

ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରିଷଭ ପନ୍ତ ରାଜସ୍ଥାନ ରୟାଲ୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଦଳର ଆରମ୍ଭ ନିରାଶଜନକ ଥିଲା । ୩୬ ରନ୍ ମଧ୍ୟରେ ଦଳ ୩ ୱିକେଟ୍ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା । ଓପନ ଜଶସ୍ୱୀ ଜୟସ୍ୱାଲ ଦ୍ରୁତ ବୋଲର ମୁକେଶ କୁମାରଙ୍କ ଇନ୍ ସୁଇଙ୍ଗ ବଲକୁ ବୁଝି ନପାରି କ୍ଲିନ୍‌ବୋଲ୍ଡ ହୋଇଥିଲେ । ଏହାପରେ ପରେ ଯୋଶ ବଟ୍ଲର (୧୧) ଓ ସଞ୍ଜୁ ସାମସନ (୧୫) ରନ୍ କରି ଆଉଟ୍ ହେବାରୁ ସ୍ଥିତି ଗମ୍ଭୀର ହୋଇଥିଲା । କିନ୍ତୁ ମଧ୍ୟମକ୍ରମରେ ରିଆନ ପରାଗ, ରବି ଚନ୍ଦ୍ରନ ଅଶ୍ୱିନ ଓ ଧ୍ରୁବ ଜୁରେଲ ଉପଯୋଗୀ ଇନିଂସ ଖେଳି ଦଳୀୟ ସ୍କୋରକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ । ରିଆନ୍ ପରାଗ ୪୫ ବଲ୍‌ର ସମ୍ମୁଖୀନ ହୋଇ ୬ଟି ଛକା ଓ ୭ଟି ଛକା ସହାୟତାରେ ଅପରାଜିତ ୮୪ ରନ୍ କରିଥିଲେ । ଅଶ୍ୱିନ ୧୯ ବଲ୍‌ରୁ ୩ଟି ଛକା ସହାୟତାରେ ୨୯ ରନ୍ ତଥା ଧ୍ରୁବ ଜୁରେଲ ୧୨ ବଲ୍‌ରୁ ୨୦ ରନ୍ କରି ଆଉଟ୍ ହୋଇଥିଲେ । ସିମରନ୍ ହେଟମେୟାର ୭ ବଲ୍‌ରୁ ୧୪ ରନ୍ କରିଥିଲେ । ତେଣୁ ରାଜସ୍ଥାନ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୫ ରନ୍ କରିଥିଲା । ଦିଲ୍ଲୀର ଖଲିଲ ଅହମ୍ମଦ, ମୁକେଶ କୁମାର, ଅନରିଚ ନୋର୍ଟେଜ, ଅକ୍ଷର ପଟେଲ ଓ କୁଲଦୀପ ଯାଦବ ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୧୮୬ ରନ୍‌ର ବିଜୟଲକ୍ଷ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ କଷ୍ଟସାଧ ଥିଲା । କିନ୍ତୁ ଦଳର ଆରମ୍ଭ ଭଲ ଥିଲା । ଡେଭିଡ ୱାର୍ଣ୍ଣର ଓ ମିଚେଲ ମାର୍ସ ୩.୨ ଓଭରରେ ୩୦ ରନ୍ ସଂଗ୍ରହ କରିଥିଲେ । ୧୨ ବଲ୍‌ରୁ ୨୩ ରନ୍ କରିଥିବା ମାର୍ସ ଦ୍ରୁତ ବୋଲର ବର୍ଗରଙ୍କ ବଲରେ ବୋଲ୍ଡ ହୋଇଥିଲେ । ଓପନିଂ ଯୋଡି ଭାଙ୍ଗିବା ପରେ ରିକି ଭୁଇ ପଡ଼ିଆକୁ ଆସିଥିଲେ । ସେ ଖାତା ଖୋଲିବା ପୂର୍ବରୁ ବର୍ଗରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ଏହାପରେ ଡେଭିଡ ୱାର୍ଣ୍ଣର ୩୪ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୪୯ ରନ୍ ସଂଗ୍ରହ କରି ଆଭେସ ଖାନ୍‌ଙ୍କ ବଲ୍‌ରେ ସନ୍ଦୀପ ଶର୍ମାଙ୍କ ହାତରେ ଧରାପଡ଼ିଥିଲେ । ଦୁର୍ଘଟଣାରୁ ବର୍ତ୍ତିବା ଓ ୧୪ ମାସ ପରେ କ୍ରିକେଟ୍ ରଣାଙ୍ଗନାକୁ ଓହ୍ଲାଇଥିବା ରିଷଭ ପନ୍ତ ୨୬ ବଲ୍‌ରୁ ୨୮ ରନ୍ କରିଥିଲେ । ତେଣୁ ଦଳ ବିଜୟର ନିକଟତର ହୋଇପାରିନଥିଲା । ଏହା ସତ୍ତ୍ୱେ ଟ୍ରିଷ୍ଟାନ ଷ୍ଟୁବସ ଶେଷ ପର୍ଯ୍ୟନ୍ତ ଲଢ଼େଇ କରି ୨୩ ବଲ୍‌ରୁ ୨ଟି ଚୌକା ଓ ୩ଟି ଛକା ସହାୟତରରେ ଅପରାଜିତ ୪୪ ରନ୍ କରିଥିଲେ । ଅଭିଶେକ ପୋରେଲ ୯ ଓ ଅକ୍ଷର ପଟେଲ ୧୫ ରନ୍ କରିବାରୁ କ୍ୟାପିଟାଲ୍ସ ବିଜୟଲକ୍ଷ୍ୟ ଠାରୁ ମାତ୍ର ୧୨ ରନ୍ ପଛରେ ରହିଯାଇଥିଲା । ରାଜସ୍ଥାନ ରୟାଲ୍ସର ନାନ୍ଦ୍ରି ବର୍ଗର ଓ ୟୁଜଭେନ୍ଦ୍ର ଚହଲ ୨ଟି ଲେଖାଏଁ ତଥା ଅଭେଶ ଖାନ୍ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ । ଏହା ରାଜସ୍ଥାନ ରୟାଲ୍ସର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସର ଦ୍ୱିତୀୟ ପରାଜୟ ।

ଆଜିର ମ୍ୟାଚ

ବେଙ୍ଗାଲୁରୁ-କୋଲକାତା
ସମୟ: ରାତି ୭.୩୦
ସ୍ଥାନ: ବେଙ୍ଗାଲୁରୁ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

ଭାରତୀୟ ହକି ଦଳକୁ ପ୍ୟାରିସ ଅଲିମ୍ପିକ୍ସ ଶୁଭେଚ୍ଛା

ଭୁବନେଶ୍ୱର,୨୮।୩(ସବ୍ୟୁ): ଭାରତୀୟ ପୁରୁଷ ହକି ଦଳକୁ ପ୍ୟାରିସ ଅଲିମ୍ପିକ୍ସ ଶୁଭେଚ୍ଛା ଜଣାଇଛି ଓଡ଼ିଶା କ୍ରୀଡା ସାମ୍ବାଦିକ ସଂଘ (ଓସଜା) । ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ନିରାଡମ୍ବର ଭେଟଘାଟରେ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ସପୋର୍ଟିଂ ଷ୍ଟାଫ୍‌କୁ କଳିଙ୍ଗ ଷ୍ଟାଡିୟମ୍‌ର ହକି ଗ୍ରାଉଣ୍ଡରେ ପ୍ୟାରିସ୍‌ରେ ଟୋକିଓ ଅଲିମ୍ପିକ୍ସ ସଫଳତାକୁ ଟପି ଯିବା ପାଇଁ ଶୁଭକାମନା ଜଣାଯାଇଥିଲା । ଭୁବନେଶ୍ୱରର କଳିଙ୍ଗ ହକି କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧିନାୟକ ହରମନପ୍ରୀତ ସିଂ, ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ ଓସଜାର ଏହି ଶୁଭେଚ୍ଛାକୁ ପ୍ରଶଂସା କରିବା ସହ ପ୍ୟାରିସ ଆହ୍ୱାନକୁ ଗ୍ରହଣ କରି ଆଗକୁ ବଢ଼ିବେ ବୋଲି ପ୍ରକାଶ କରିଥିଲେ । କ୍ରୀଡା ସାମ୍ବାଦିକଙ୍କ ସହ ଅନ୍ତରଙ୍ଗ ଆଳାପ କରିଥିଲେ ଦଳରେ ସାମିଲ ଥିବା ଓଡ଼ିଆ ଖେଳାଳି ଅମିତରୋହିଦାସ । ଓସଜାର ସଭାପତି ସନ୍ଦୀପ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ସଭାପତି ସମ୍ବିତ ମହାପାତ୍ର, ସମ୍ପାଦକ ସୁରେଶ ସ୍ୱାଇଁ, ଓସଜାର ଅନ୍ୟାନ୍ୟ କର୍ମକର୍ତ୍ତା ନିରଞ୍ଜନ ରେଞ୍ଜୀ, ପ୍ରତାପ ପ୍ରଧାନ, ଶକ୍ତିପ୍ରକାଶ ନନ୍ଦ, ସୁଜିତ କୁମାର ସ୍ୱାଇଁ (ସୂଚନା ଅଧିକାରୀ), ତନ୍ମୟ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଫୁଲତୋଡା ଓ ଛେନାପୋଡ ଦେଇ ଶୁଭକାମନା ଜଣାଇଥିଲେ ।

ସ୍ୱର୍ଣ୍ଣ ଜିତିବା ପାଇଁ ଆମେ ଶୁଭେଚ୍ଛା ଜଣାଇଲୁ: ସମ୍ବିତ ମହାପାତ୍ର

ଆମର ଆଶା ଏଥର ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିବ । ତେଣୁ ସ୍ୱର୍ଣ୍ଣ ପଦକ ପାଇଁ ଓସଜା ପରିବାର ଭାରତୀୟ ହକି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛି । ଏହି ଶୁଭେଚ୍ଛା ସବୁ ହକି ଖେଳାଳିଙ୍କୁ ପ୍ରୋତ୍ସାହିତ କରିବ ଉତ୍ସାହିତ କରିବ । ଫୁଲତୋଡା ଦେଲୁ ସାଙ୍ଗରେ ଓଡ଼ିଆଙ୍କ ପ୍ରିୟ ଛେନାପୋଡ ବି ଖେଳାଳିଙ୍କୁ ଦେଲୁ । ଓସଜା ପକ୍ଷରୁ ଭାରତୀୟ ଖେଳାଳିଙ୍କ ପାଇଁ ବିଶେଷ ଟ୍ରଫି ପ୍ରସ୍ତୁତ ହୋଇଥିଲା । ଆମେ ଆଶା କରୁଛୁ ଭାରତୀୟ ହକି ଦଳ ପ୍ୟାରିସ୍‌ରେ ସ୍ୱର୍ଣ୍ଣ ନେଇ ଫେରନ୍ତୁ । ଏହା ଦ୍ୱାରା ଖେଳାଳିଙ୍କ ମନୋବଳ ବଢ଼ିବ । କାରଣ ଗତଥର ଟୋକିଓରେ ଭାରତୀୟ ଦଳ ବ୍ରୋଞ୍ଜ ଜିତିଥିଲା । ଆଉ ଅଢ଼େଇ ମାସ ପରେ ପ୍ୟାରିସ୍‌ରେ ଅଲିମ୍ପିକ୍ସ ଆରମ୍ଭ ହେବ । ତେଣୁ ଯେଉଁ ଆଶା ରହିଛି ୪୪ ବର୍ଷ ପରେ ଏହି ଦଳ ପୁଣି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବ । ନୀରଜ ଚୋପ୍ରା କଳିଙ୍ଗରେ ଅଭ୍ୟାସ କରି ଟୋକିଓରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ତେଣୁ ପ୍ୟାରିସ୍‌ରେ ଭାରତୀୟ ହକି ଦଳ ସ୍ୱର୍ଣ୍ଣ ପଦକ ଜିତିବ ବୋଲି ସମସ୍ତଙ୍କ ଆଶା ରହିଛି ବୋଲି ବରିଷ୍ଠ କ୍ରୀଡା ସାମ୍ବାଦିକ ତଥା ଓସଜାର କାର୍ଯ୍ୟକାରୀ ସଭାପତି ସମ୍ବିତ ମହାପାତ୍ର କହିଛନ୍ତି ।

ଓସଜାକୁ ଧନ୍ୟବାଦ, ପ୍ୟାରିସ୍‌ରେ ପଦକ ଜିତିବୁ: ଅମିତ ରୋହିଦାସ

ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ସଫଳତା ହାତେଇଥିଲା । ଆଗକୁ ପ୍ୟାରିସ ଅଲିମ୍ପିକ୍ସ । ତେଣୁ ଭାରତୀୟ ଦଳ ଭଲ ଲୟରେ ଅଛି । ପ୍ରସ୍ତୁତି ବି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । କଳିଙ୍ଗ ଷ୍ଟାଡିୟମ୍‌ରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ ସେସନ୍ ସମୟରେ ଗୁରୁବାର ଓଡ଼ିଶା କ୍ରୀଡା ସାମ୍ବାଦିକ ସଂଘ ପକ୍ଷରୁ ଏକ ସୌଜନ୍ୟମୂଳକ ସାକ୍ଷାତକାର ହୋଇଥିଲା । ଓସଜାର ସମ୍ବର୍ଦ୍ଧନା ଓ ପ୍ୟାରିସ ଅଲିମ୍ପିକ୍ସ ଶୁଭେଚ୍ଛା କାର୍ଯ୍ୟକ୍ରମକୁ ଭୂରିଭୂରି ପ୍ରଶଂସା କରିଛନ୍ତି ଭାରତୀୟ ଦଳରେ ସାମିଲ ଥିବା ଓଡ଼ିଆ ପୁଅ ଅମିତ ରୋହିଦାସ । ସାରାଦେଶବାସୀ ଯେଉଁ ଆଶା ରଖିଛନ୍ତି ଏଥର ଆମେ ତାହା କରିକି ଆସିବୁ ବୋଲି ଅମିତ କହିଛନ୍ତି । ଟୋକିଓ ଅଲିମ୍ପିକ୍ସ ପୂର୍ବରୁ କଳିଙ୍ଗରେ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଅଭ୍ୟାସ କରିଥିଲେ । ପରେ ଟୋକିଓରେ ସ୍ୱର୍ଣ୍ଣ ପଦକ ଜିତି ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ଥିଲେ । ଏଥର ମଧ ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଭାରତୀୟ ଦଳ କଳିଙ୍ଗ ଷ୍ଟାଡିୟମ୍‌ରେ ଶେଷ ଅଭ୍ୟାସ କରିଛି । ତେଣୁ ସାରା ଦେଶବାସୀ ଭାରତୀୟ ହକି ଦଳ ସ୍ୱର୍ଣ୍ଣ ଜିତିବୁ ବୋଲି ଆଶାବାଦୀ ଅଛନ୍ତି ।

କଳିଙ୍ଗରେ ଫିଟନେସ କ୍ୟାମ୍ପ, ଜିମ୍, ଅଭ୍ୟାସ ସେସନ, ଖେଳାଳିଙ୍କ ଦୋଷ ଦୁର୍ବଳାତାରେ ସୁଧାର ଆଣିବା ପାଇଁ କୋଚ୍ ଭଲ ପ୍ରୟାସ କରିଛନ୍ତି । ଆଗକୁ ଭାରତୀୟ ଦଳ ପ୍ରୋ-ଲିଗ୍‌ର ମ୍ୟାଚ ଖେଳିବା ପାଇଁ ୟୁରୋପଗସ୍ତ କରିବ । ଏକ ଭିନ ମାହୋଲରେ ଅଲିମ୍ପିକ୍ସ ପୂର୍ବରୁ ଆମେ ପ୍ରୋ-ଲିଗ୍ ଖେଳି ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଶେଷ କରିବୁ ବୋଲି ଅମିତ କହିଛନ୍ତି ।

ଟୋକିଓରେ ଭଲ ଖେଳିଥିଲେ, ପ୍ୟାରିସ୍‌ରେ ସ୍ୱର୍ଣ୍ଣ ନେଇ ଆସିବେ ବୋଲି ପଚାର ଯାଇଥିବା ପ୍ରଶ୍ନର ଉତ୍ତରରେ ଅମିତ କହିଛନ୍ତି । ଟୋକିଓରେ ପ୍ରଦର୍ଶନ ଆଶାନୁରୂପ ଥିଲା । ପ୍ୟାରିସ ଅଲିମ୍ପିକ୍ସ ପାଇଁ ଦଳ ଘୋଷଣା ହୋଇନାହିଁ । କିନ୍ତୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଅଛି । ଆମେ ଏବେ ପ୍ରୋ-ଲିଗ୍ ଖେଳିବାକୁ ଯାଉଛୁ । ଏହାପରେ ଜଣାପଡିବ ଅଲିମ୍ପିକ୍ସ ଦଳରେ କିଏ କିଏ ସ୍ଥାନ ପାଇବେ । ଦଳ ଚୟନ ପରେ ହିଁ ଅଲିମ୍ପିକ୍ସ ନେଇ ଆମ ଫୋକସ ବଢ଼ିବ ।

ଗତ ପ୍ରୋ-ଲିଗ୍ ମ୍ୟାଚ ଭୁବନେଶ୍ୱର ଓ ରାଉରକେଲାରେ ଖେଳିଥିଲୁ । ଯେଉଁ ସବୁ କ୍ଷେତ୍ରରେ ଆମ ପ୍ରଦର୍ଶନ ଦୁର୍ବଳ ଥିଲା (ସୁଟିଂ ଏରିଆ, ପେନାଲ୍ଟି କର୍ଣ୍ଣରେ ଗୋଲରେ ପରିବର୍ତ୍ତନ, ଡିଫେନ୍ସ ଓ ମିଡଫିଲ୍ଡ) ସେ ସବୁରେ ଯଥେଷ୍ଟ ସୁଧାର ଆସିଛି । ଗୋଲକିପରଙ୍କ ପାଇଁ ଅତିରିକ୍ତ ସେସନ୍ ହୋଇଛି, ଫରୱାର୍ଡଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି । ଡ୍ରାଗ୍‌ଫ୍ଲିକ୍ ଉପରେ ସ୍ୱତନ୍ତ୍ର ଫୋକସ ରହିଛି । ତଥା ଫିଟନେସ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା ବୋଲି ଅମିତ ରୋହିଦାସ କହିଛନ୍ତି ।

କଳାହାଣ୍ଡି କପ୍ କ୍ରିକେଟ୍

ଭୁବନେଶ୍ୱର ବି', ନୟାଗଡ଼, କେନ୍ଦୁଝର ବିଜୟୀ

ଭୁବନେଶ୍ୱର,୨୮।୩(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଘରୋଇ ପ୍ରତିଯୋଗିତା କଳାହାଣ୍ଡି କପ୍ ସିନିୟର ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ପ୍ରିଲିମିନାରୀ ପର୍ଯ୍ୟାୟ ଆରମ୍ଭ ହୋଇଛି । ଗୁରୁବାର ଖେଳାଯାଇଥିବା ୩ଟି ମ୍ୟାଚରେ ଭୁବନେଶ୍ୱର ବି', ନୟାଗଡ଼ ଓ କେନ୍ଦୁଝର ବିଜୟୀ ହୋଇଛନ୍ତି ।

ବାରବାଟି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭୁବନେଶ୍ୱର ବି' ୭ ୱିକେଟ୍‌ରେ ମୟୂରଭଞ୍ଜକୁ ହରାଇଛି । ଏହି ମ୍ୟାଚରେ ମୟୂରଭଞ୍ଜ ୪୯.୨ ଓଭରରେ ୧୮୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଦଳ ପକ୍ଷରୁ ପ୍ରିତପାଲ ସିଂ ସର୍ବାଧିକ ୬୦ ରନ୍ କରିଥିଲେ । ଜବାବରେ ଭୁବନେଶ୍ୱର ବି' ୩୩.୧ ଓଭରରେ ୧୮୯/୩ ରନ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ଦଳ ପକ୍ଷରୁ ବିଶ୍ୱ ମୁଦୁଲି ସର୍ବାଧିକ ୭୩ ରନ୍ କରିଥିଲେ ।

ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ନୟାଗଡ଼ ୮ ୱିକେଟ୍‌ରେ କୋରାପୁଟକୁ ହରାଇଛି । ଏହି ମ୍ୟାଚରେ କୋରାପୁଟ ୪୯.୨ ଓଭରରେ ୨୨୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ନୟାଗଡ଼ ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ୯୦ ରନ୍ ଓ ଲୀଳାଧର ପ୍ରଧାନଙ୍କ ୭୬ ରନ୍ ସହାୟତାରେ ୩୯ ଓଭରରେ ୨ ୱିକେଟ୍ ହରାଇ ୨୩୦ ରନ୍ କରିଥିଲା ।

ଡ୍ରିମ୍ସ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ୮ ୱିକେଟ୍‌ରେ କେନ୍ଦୁଝର ଦଳ ପୁରୀକୁ ହରାଇଛି । ଏହି ମ୍ୟାଚରେ ପୁରୀ ୪୦.୧ ଓଭରରେ ୧୪୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ କେନ୍ଦୁଝର ୩୨.୪ ଓଭରରେ ୧୪୯/୨ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ମିତ୍ରଭାନୁ ପଣ୍ଡା ସର୍ବାଧିକ ୬୫ ରନ୍‌ର ଇନିଂସ ଖେଳିଥିଲେ ।

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ମଲ୍ଲିକ
ବରିଷ୍ଠ ଓଡ଼ିଶା ସୂଚନା ସେବା ଅଧିକାରୀ
ଆବିର୍ଭାବ : ୨୩.୦୭.୧୯୬୪
ତିରୋଧାନ : ୧୫.୦୩.୨୦୨୪

ସୂଚନା ଓ ଲୋକସମ୍ପର୍କ ବିଭାଗର ଆପଣ ଥିଲେ ଜଣେ ଦକ୍ଷ ଅଧିକାରୀ । ଆପଣଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣ କ୍ଷତି । ଆପଣଙ୍କ ସରଳ ଅମାୟିକ ବ୍ୟବହାର, କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟଦକ୍ଷତା ପାଇଁ ଆପଣ ସର୍ବଦା ସ୍ମରଣୀୟ ହୋଇ ରହିବେ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାରବର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀ ବୃନ୍ଦ ।

ଗୋରା ଦାସ ମେମୋରିଆଲ୍ ଦିବାରାତ୍ର କ୍ରିକେଟ

ଭୁବନେଶ୍ୱର କ୍ଲବ୍ ଚାମ୍ପିଅନ୍

କଟକ,୨୮।୩(ସବ୍ୟୁ): ଗୋରା ଦାସ ମେମୋରିଆଲ୍ ଦିବାରାତ୍ର କ୍ରିକେଟ ମ୍ୟାଚ୍ ଭୁବନେଶ୍ୱର କ୍ଲବ୍ ଓ କଟକ କ୍ଲବ୍ ମଧ୍ୟରେ ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ଭୁବନେଶ୍ୱର କ୍ଲବ୍ ବିଜୟୀ ହୋଇ ଚମ୍ପିଆନ୍ ହୋଇଛି । ଏହି ମ୍ୟାଚଟି ଦିବା ୪ ଘଟିକାରୁ ଆରମ୍ଭ ହୋଇ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଚାଲିଥିଲା । ଏହି ମ୍ୟାଚରେ କଟକ କ୍ଲବ୍ ସଭାପତି ଡାକ୍ତର ପ୍ରଫେସର ଜୟନ୍ତ ପଣ୍ଡା, ସମ୍ପାଦକ ଯଶୋବନ୍ତ ଦାସ ଓ ଭୁବନେଶ୍ୱର କ୍ଲବ୍ ସଭାପତି ଅସୀତ୍ ତ୍ରିପାଠୀ ଓ ସମ୍ପାଦକ ଅଶୋକ ମିଶ୍ରଙ୍କ ସହିତ ଉଭୟ କ୍ଲବ୍‌ର ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ । ଶେଷରେ କଟକ କ୍ଲବ୍ ପରିସରରେ ଉଭୟ କ୍ଲବ୍‌ର ସଦସ୍ୟମାନେ ସମବେତ ହୋଇ ଏକତ୍ର ରାତ୍ର ଭୋଜନ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ ।

AT
KURANGA
PHULNAKHARA

Meera's
COURTYARD

Huge lush green happening space situated
in between Cuttack and Bhubaneswar.

- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking,

WILL perfectly match to your dream to make your event a memorable one.

For:
• Wedding • Star night • Conference and work shops
• Birthday party • Musical events • Corporate meet

Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

SALE SALE SALE

Flex Printing Machine (10 feet)
As on Where Basis.

Company Name:
"MONOTECH"
Systems PVT.LTD.
For Contact : 8917518606

ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି